# NATIONAL NEWS BULLETIN (ODIA)
## 30th October - 2025
## Evening Bulletin : 7.15 p.m.

***********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଆଦିତ୍ୟ ନାରାୟଣ ଦାଶ**

## ମୁଖ୍ୟ ସମ୍ବାଦ

- ଗୁଜରାଟ ଗସ୍ତର ପ୍ରଥମ ଦିନରେ ଆଜି ଏକାଧିକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ ।

- ବିହାରରେ ନିର୍ବାଚନୀ ପ୍ରଚାରରେ ରାଜ୍ୟର ଭବିଷ୍ୟତପାଇଁ ସେମାନଙ୍କର ପ୍ରଥମ ଭୋଟ୍ ଦେବାକୁ ନୂଆ ଭୋଟର୍‌ଙ୍କୁ ଆହ୍ୱାନ ଦେଲେ ବି.ଜେ.ପି.ର ବରିଷ୍ଠ ନେତା ନରେନ୍ଦ୍ର ମୋଦି ।

- ଦ୍ୱାଦଶ ଆସିଆନ ପ୍ରତିରକ୍ଷା ମନ୍ତ୍ରୀଙ୍କ ପ୍ଲସ୍ ବୈଠକରେ ଯୋଗଦେବାପାଇଁ ଦୁଇଦିନିଆ ମାଲେସିଆ ଗସ୍ତରେ ପ୍ରତିରକ୍ଷା ମନ୍ତ୍ରୀ ।

- ଆଫଗାନିସ୍ତାନ ସହ ସୀମାରେ ଉତ୍ତେଜନା ପରେ ପାକିସ୍ତାନରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ଆକାଶଛୁଆଁ ।

ଏବଂ

- ଆଇ.ସି.ସି. ଦିନିକିଆ ମହିଳା ବିଶ୍ୱକପ୍ କ୍ରିକେଟର ଦ୍ୱିତୀୟ ସେମିଫାଇନାଲ୍‌ରେ ଆଜି ଭାରତକୁ ୩୩୯ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କଲା ଅଷ୍ଟ୍ରେଲିଆ ।

## ପି.ଏମ୍. - ଗୁଜରାଟ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଜରାଟର କେବାଡ଼ିଆର ଏକତାନଗରଠାରେ ୧ ହଜାର ୧୪୦ କୋଟିରୁ ଅଧିକ ଟଙ୍କାର ଭିତ୍ତିଭୂମି ତଥା ବିକାଶମୂଳକ ପ୍ରକଳ୍ପ ଗୁଡ଼ିକର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି । ଦୁଇଦିନିଆ ଗୁଜରାଟ ଗସ୍ତରେ ଯାଇଥିବା ଶ୍ରୀ ମୋଦି ରାଜପିପିଲାଠାରେ ବିର୍ଶାମୁଣ୍ଡା ଆଦିବାସୀ ବିଶ୍ୱବିଦ୍ୟାଳୟ, ବାମନ ବୃକ୍ଷ ବାଟିକା, ଇ-ବସ୍ ଚାର୍ଜିଙ୍ଗ୍ ଡିପୋ ଏବଂ ୨୫ଟି ଇଲେକ୍‌ଟ୍ରିକ୍ ବସ୍‌ର ଶୁଭାରମ୍ଭ କରିବା ସହ ରୟାଲ୍ କିଙ୍ଗ୍‌ଡମ୍ ଅଫ୍ ଇଣ୍ଡିଆ ମ୍ୟୁଜିୟମ୍, କ୍ରୀଡ଼ା କଂପ୍ଲେକ୍ସ, ଜେଟି ବିକାଶ ଏବଂ ଷ୍ଟାଚ୍ୟୁ ଅଫ୍ ୟୁନିଟ୍ ନିକଟରେ ଟ୍ରାଭଲେଟର ଆଦିର ଶିଳାନ୍ୟାସ କରିଛନ୍ତି ।

ଆସନ୍ତାକାଲି ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମବାର୍ଷିକୀରେ ଶ୍ରଦ୍ଧାସୁମନ ଅର୍ପଣ କରିବେ । ଏକତା ଦିବସ ଶପଥପାଠ କାର୍ଯ୍ୟକ୍ରମରେ ଶ୍ରୀ ମୋଦୀ ଯୋଗଦେବା ସହ ଏକତା ଦିବସ ପରେଡ୍‌ରେ ଭାଗ ନେବେ । ଚଳିତବର୍ଷ ସୀମାସୁରକ୍ଷା ବଳ

ମାର୍ଚ୍ଚିଙ୍ଗ କଣ୍ଟିଜେଣ୍ଟ୍‌ରେ ଭାରତୀୟ ମୂଳ ରାମପୁର ହାଉଣ୍ଡ୍‌ସ ଏବଂ ମୁଧୋଲ ହାଉଣ୍ଡ୍‌ସ କୁକୁର ସାମିଲ ହେବେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଆରମ୍ଭ ୭.୦ର ଶୁଭାରମ୍ଭ କରି ଶହେତମ ଫାଉଣ୍ଡେସନ କୋର୍ସର ପ୍ରଶିକ୍ଷାର୍ଥୀଙ୍କ ସହ ବାର୍ତ୍ତାଳାପ କରିବେ ।

## ପି.ଏମ୍. - ବିହାର କ୍ୟାମ୍ପେନ୍

ବିହାର ବିଧାନସଭାର ପ୍ରଥମପର୍ଯ୍ୟାୟ ଭୋଟ୍‌ଗ୍ରହଣ ପାଇଁ ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ସାଧାରଣ ସଭା ଏବଂ ର୍‌ୟାଲି ଜରିଆରେ ଦଳୀୟ ପ୍ରାର୍ଥୀଙ୍କୁ ସମର୍ଥନ ଲାଗି ଭୋଟର୍‌ମାନଙ୍କୁ ଆକୃଷ୍ଟ କରାଯାଉଛି । ଆଜି ଦ୍ୱିତୀୟ ଥରଲାଗି ନିର୍ବାଚନୀ ପ୍ରଚାରରେ ବି.ଜେ.ପି.ର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁଜାଫରପୁର ଏବଂ ଛାପ୍ରାରେ ନିର୍ବାଚନୀ ସମାବେଶକୁ ସମ୍ବୋଧିତ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ବିହାରରେ ପୂର୍ବ ସରକାରଗୁଡ଼ିକ ଜଙ୍ଗଲରାଜ ଜରିଆରେ ଶିଳ୍ପ ଏବଂ ଔଦ୍ୟୋଗିକ କେନ୍ଦ୍ରଗୁଡ଼ିକୁ ନଷ୍ଟ କରିଦେଇଛନ୍ତି । ଶ୍ରୀ ମୋଦି ଏହି ଅବସରରେ ପ୍ରଥମ ଥରପାଇଁ ଭୋଟ ଦେବାକୁ ଯୋଗ୍ୟ ହୋଇଥିବା ଭୋଟର୍‌ମାନଙ୍କୁ ବିହାରର ଭବିଷ୍ୟତପାଇଁ ନିଜର ପ୍ରଥମ ଭୋଟ୍ ଦେବାକୁ ଆହ୍ୱାନ ଦେଇଛନ୍ତି । ଶ୍ରୀ ମୋଦି କହିଛନ୍ତି, ସୁଶାସନ ପାଇବା ସମସ୍ତଙ୍କ ନାଗରିକଙ୍କ ମୌଳିକ ଅଧିକାର । ବିକଶିତ

ବିହାର ଗଠନ ଏବଂ ଜଙ୍ଗଲରାଜରୁ ମୁକ୍ତି ଲାଗି ଆଗାମୀ ନିର୍ବାଚନ ଏକ ସୁଯୋଗ ବୋଲି ସେ କହିଛନ୍ତି ।

***Voice (PM - Bihar New Voter)*** :........

ତୁଷ୍ଟୀକରଣ ରାଜନୀତି କରୁଥିବା ରାଜନୈତିକ ଦଳଗୁଡ଼ିକୁ ସମାଲୋଚନା କରି ଶ୍ରୀ ମୋଦି କହିଛନ୍ତି, ଭୋଟ୍ ବ୍ୟାଙ୍କ୍ ସୃଷ୍ଟି କରି ସେହି ରାଜନୈତିକ ଦଳଗୁଡ଼ିକ ବିହାରର ବିନାଶ କରୁଛନ୍ତି ।

***Voice (PM - Bihar Rally)*** :........

ଆଜି ମୁଜାଫରପୁରରେ ପ୍ରଥମ ର୍‍ୟାଲିକୁ ସମ୍ବୋଧିତ କରି ଶ୍ରୀ ମୋଦି କହିଛନ୍ତି, ବିହାରବାସୀଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଜଳସେଚନ କ୍ଷେତ୍ରରେ ସମସ୍ତ ପ୍ରକାର ସୁବିଧାସୁଯୋଗ ସୁନିଶ୍ଚିତ କରିବା ଲାଗି ଏନ୍‌ଡିଏ ପ୍ରତିଶ୍ରୁତିବଦ୍ଧ । ରାଜ୍ୟରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଉପରେ ଗୁରୁତ୍ୱପ୍ରଦାନ କରାଯିବ ବୋଲି ଶ୍ରୀ ମୋଦି କହିଛନ୍ତି ।

# ପି.ଏମ୍. - ମାରିଟାଇମ୍ ପୋଷ୍ଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଭାରତ ଏକ ପ୍ରମୁଖ ସାମୁଦ୍ରିକ କେନ୍ଦ୍ର ହେବାକୁ ଯାଉଛି । ଏହା କେବଳ ଏକ ସଂଯୋଗୀକରଣ ନୁହେଁ; ବରଂ ମୂଲ୍ୟଯୁକ୍ତ ସେବା, ସବୁଜ ଜାହାଜ ପରିବହନ ପଦକ୍ଷେପ ଏବଂ ଶିଳ୍ପ ଅନୁକୂଳ

ନୀତି ସମ୍ୱଳିତ ଢାଞ୍ଚା ପ୍ରଦାନ କରିବ । ସାମୁଦ୍ରିକ କ୍ଷେତ୍ରରେ ନିବେଶପାଇଁ ଏକ ପ୍ରମୁଖ ଗନ୍ତବ୍ୟସ୍ଥଳ ଭାବରେ ଦେଶ ଉଭା ହୋଇଛି ବୋଲି ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି । ସାମୁଦ୍ରିକ ନିବେଶ କ୍ଷେତ୍ରରେ ଭାରତର ବନ୍ଦରଗୁଡ଼ିକର ପ୍ରଦର୍ଶନ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ଦେଶର ଏକ ଦୀର୍ଘ ଉପକୂଳ ଏବଂ ବିଶ୍ୱସ୍ତରୀୟ ବନ୍ଦର କ୍ଷେତ୍ରରେ ନିବେଶକମାନଙ୍କୁ ଦେଶର ସାମୁଦ୍ରିକ ଅଭିବୃଦ୍ଧି କାହାଣୀର ଅଂଶ ହେବାକୁ ଶ୍ରୀ ମୋଦି ଆହ୍ୱାନ ଦେଇଛନ୍ତି । ଭାରତର ରଣନୈତିକ ଗନ୍ତବ୍ୟ ସ୍ଥଳ, ଆଧୁନିକ ବନ୍ଦର ଭିତ୍ତିଭୂମି ଏବଂ ନବସୃଜନ ପ୍ରତି ପ୍ରତିବଦ୍ଧତା ଜାହାଜ ନିର୍ମାଣ, ବନ୍ଦର ପରିଚାଳନା, ପରିବହନ, ଉପକୂଳ ଜାହାଜ ଚଳାଚଳ ସହ ଆନୁଷଙ୍ଗିକ ସେବାରେ ମଧ୍ୟ ନିବେଶକମାନଙ୍କ ପାଇଁ ଭରପୂର ସୁଯୋଗ ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ରାଜନାଥ - ମାଲେସିଆ ଭିଜିଟ୍

ଦ୍ୱାଦଶ ଆସିଆନ୍ ପ୍ରତିରକ୍ଷା ମନ୍ତ୍ରୀଙ୍କ ପ୍ଲସ୍ ବୈଠକରେ ଯୋଗଦେବାପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମାଲେସିଆର କ୍ୱାଲାଲମ୍ପୁରକୁ ଆଜିଠାରୁ ଦୁଇଦିନିଆ ଗସ୍ତରେ ଯାଇଛନ୍ତି । ଆସନ୍ତା ଶନିବାର ଦିନ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ପ୍ରତିରକ୍ଷା ମନ୍ତ୍ରୀ ସଦସ୍ୟ ରାଷ୍ଟ୍ରଗୁଡ଼ିକ ସହିତ

ଆଲୋଚନା କରିବେ । ଏହାପୂର୍ବରୁ ଆସନ୍ତାକାଲି ମାଲେସିଆ ଅଧ୍ୟକ୍ଷତାରେ ଆସିଆନ-ଭାରତ ପ୍ରତିରକ୍ଷା ମନ୍ତ୍ରୀଙ୍କ ଦ୍ୱିତୀୟ ଅନୌପଚାରିକ ବୈଠକକୁ ମଧ୍ୟ ସେ ସମ୍ବୋଧିତ କରିବେ । ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ବୈଠକର ଉଦ୍ଦେଶ୍ୟ ହେଉଛି, ଆସିଆନ୍ ସଦସ୍ୟ ରାଷ୍ଟ୍ର ଓ ଭାରତ ମଧ୍ୟରେ ପ୍ରତିରକ୍ଷା ଏବଂ ସୁରକ୍ଷା ସହଯୋଗକୁ ସୁଦୃଢ଼ କରିବା । ଗସ୍ତକାଳରେ ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ ଆସିଆନ୍ ସଦସ୍ୟ ରାଷ୍ଟ୍ରଗୁଡ଼ିକ ସହ ଦ୍ୱିପାକ୍ଷିକ ବୈଠକ କରିବାର କାର୍ଯ୍ୟସୂଚୀ ରହିଛି ।

## ଏମ୍.ଇ.ଏ. ବ୍ରିଫିଙ୍ଗ୍

ଆମେରିକା ସହ ମୁକ୍ତ ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ କରିବା ଲାଗି ଉଭୟ ଆମେରିକା ଓ ଭାରତ ମଧ୍ୟରେ ଆଲୋଚନା ଜାରି ରହିଛି । ଆଜି ଅପରାହ୍ଣରେ ଗଣମାଧ୍ୟମକୁ ସମ୍ବୋଧିତ କରି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ୍ କହିଛନ୍ତି, ଉଭୟ ପକ୍ଷ ଏହି ପ୍ରସଙ୍ଗରେ ଆଲୋଚନା ଜାରି ରଖିଛନ୍ତି । ସେ କହିଛନ୍ତି, ରୁଷୀୟ ତୈଳ ରପ୍ତାନୀକାରୀ କମ୍ପାନୀଗୁଡ଼ିକ ଉପରେ ଆମେରିକାର ପ୍ରତିବନ୍ଧକ ଲାଗୁ ହେବା ପରେ ଭାରତୀୟ ତୈଳ କମ୍ପାନୀଗୁଡ଼ିକ ଏହାର ପ୍ରଭାବ ନେଇ ଅନୁଧ୍ୟାନ କରୁଛନ୍ତି । ଶ୍ରୀ ଜୟସ୍ୱାଲ୍ କହିଛନ୍ତି, ଭାରତ ତା'ର ୧୪୦ କୋଟି ଲୋକଙ୍କ

ଶକ୍ତି ଆବଶ୍ୟକତା ପୂରଣ କରିବାପାଇଁ ବିଭିନ୍ନ ଉତ୍ସରୁ ସୁଲଭ ଶକ୍ତି ଗ୍ରହଣ କରିବାର କ୍ଷମତା ରଖିଛି ।

***Voice (Jaiswal) :........***

ପାକିସ୍ତାନ-ଆଫଗାନିସ୍ତାନ ସମ୍ପର୍କରେ ସାମ୍ବାଦିକମାନଙ୍କର ପ୍ରଶ୍ନର ଉତ୍ତରରେ ଶ୍ରୀ ଜୟସ୍ୱାଲ୍ କହିଛନ୍ତି, ଆଫଗାନିସ୍ତାନ ତା'ର ନିଜ ସୀମା ମଧ୍ୟରେ ସାର୍ବଭୌମତ୍ୱ ବଜାୟ ରଖିବା ପ୍ରକ୍ରିୟାକୁ ପାକିସ୍ତାନ ଗ୍ରହଣ କରିପାରୁ ନାହିଁ । ସୀମାପାର ଆତଙ୍କବାଦ ସୃଷ୍ଟି କରି ପାକିସ୍ତାନ ସୃଷ୍ଟି କରୁଥିବା ସମସ୍ୟା ଆଦୌ ଗ୍ରହଣୀୟ ନୁହେଁ ବୋଲି ସେ କହିଛନ୍ତି । ଭାରତ' ଆଫଗାନିସ୍ତାନର ସାର୍ବଭୌମତ୍ୱ, ଆଞ୍ଚଳିକ ଅଖଣ୍ଡତା ଏବଂ ସ୍ୱାଧୀନତା ପ୍ରତି ସମ୍ପୂର୍ଣ୍ଣଭାବେ ପ୍ରତିବଦ୍ଧ ବୋଲି ସେ କହିଛନ୍ତି । ଭାରତ ଜଳବିଦ୍ୟୁତ୍ ପ୍ରକଳ୍ପ ସମେତ ଏହାର ସ୍ଥାୟୀ ଜଳ ପରିଚାଳନାରେ ଆଫଗାନିସ୍ତାନକୁ ସମର୍ଥନ କରିବାକୁ ପ୍ରସ୍ତୁତ ଅଛି ବୋଲି ଶ୍ରୀ ଜୟସ୍ୱାଲ୍ କହିଛନ୍ତି ।

## ପାକ୍ - ଇନ୍‌ଫ୍ଲେସନ୍

ଆଫଗାନିସ୍ତାନ ସହିତ ସୀମା ଉତ୍ତେଜନା ଯୋଗୁଁ ଗତ ଦୁଇସପ୍ତାହ ଧରି ପାକିସ୍ତାନର ରାଓଲ୍‌ପିଣ୍ଡି ଏବଂ ଇସ୍‌ଲାମାବାଦରେ ଥିବା ବଜାରଗୁଡ଼ିକରୁ ଆମଦାନୀ ଓ ରପ୍ତାନୀ ବନ୍ଦ ରହିଥିବାରୁ ସେଠାରେ ପନିପରିବା, ଫଳମୂଳ

ଏବଂ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ଦର ବୃଦ୍ଧି ପାଇବାରେ ଲାଗିଛି । ପାକିସ୍ତାନୀ ସେନା ଆଫଗାନିସ୍ତାନରେ ସୀମାପାର ଅପରେସନ କରିବା ପରେ ଉଭୟ ଦେଶ ମଧ୍ୟରେ ଶତ୍ରୁତା ବୃଦ୍ଧି ପାଇବା ସହ ଗତ ସୋମବାର ଦିନ ତୁର୍କୀରେ ଉଭୟ ଦେଶର ପ୍ରତିନିଧିମଣ୍ଡଳି ମଧ୍ୟରେ ଆଲୋଚନା ବିଫଳ ହୋଇଛି । ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ପାକିସ୍ତାନରେ ପନିପରିବା ଏବଂ ଫଳର ମୂଲ୍ୟ ଅତ୍ୟଧିକ ଭାବେ ବୃଦ୍ଧି ପାଇଛି । ପାକିସ୍ତାନରେ ବନ୍ୟା ଯୋଗୁଁ ମଧ୍ୟ ସ୍ଥାନୀୟ ଅଞ୍ଚଳରେ ଉତ୍ପାଦିତ ଫସଲ କ୍ଷତି ହେବା ଫଳରେ ପରିସ୍ଥିତି ଆହୁରି ଜଟିଳ ହୋଇଛି ।

## ବିହାର ଗଭର୍ଣ୍ଣର - ପଟେଲ୍ ଆଡ୍ରେସ୍

ବିହାର ରାଜ୍ୟପାଳ ଆରିଫ୍ ମହମ୍ମଦ ଖାଁ କହିଛନ୍ତି, ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଦେଶକୁ ଏକତ୍ର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଭାରତରେ ଗଡ଼ଜାତ ରାଜ୍ୟଗୁଡ଼ିକର ଶାନ୍ତିପୂର୍ଣ୍ଣ ଏକତ୍ରୀକରଣକୁ ସୁନିଶ୍ଚିତ କରିବାପାଇଁ ସେ ଅକ୍ଲାନ୍ତ ପରିଶ୍ରମ କରିଥିଲେ । ଦିଲ୍ଲୀ ବିଧାନସଭାରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍ ଏବଂ ଭାରତର ଏକତ୍ରୀକରଣ ଦିଗରେ ତାଙ୍କର ମୂଲ୍ୟବାନ ଅବଦାନ ଉପରେ ଆୟୋଜିତ ଏକ ଆଲୋଚନା ଚକ୍ରରେ ଶ୍ରୀ ଖାଁ ଏହା କହିଛନ୍ତି । ରାଜ୍ୟପାଳ କହିଛନ୍ତି, ଦେଶର ବିଶାଳ ବିବିଧତାକୁ ସମ୍ମାନ

ଜଣାଇ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଲୋକମାନଙ୍କ ମଧ୍ୟରେ ଏକତାର ଭାବକୁ ପ୍ରୋତ୍ସାହିତ କରିବା ସହିତ ଏକ ଦୃଢ଼ ରାଷ୍ଟ୍ରୀୟ ପରିଚୟ ସୃଷ୍ଟି କରିବାପାଇଁ କାର୍ଯ୍ୟ କରିଥିଲେ ।

## କର୍ଣ୍ଣାଟକ - ଡି.ଆର୍.ଡି.ଓ.

ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଙ୍ଗଠନ - ଡି.ଆର୍.ଡି.ଓ.ର ମହାନିର୍ଦ୍ଦେଶକ ଡକ୍ଟର ବି.କେ. ଦାସ କହିଛନ୍ତି, ଭାରତ ଉନ୍ନତ ସାମରିକ ପ୍ରଯୁକ୍ତିବିଦ୍ୟାରେ ଏକ ବିକଶିତ ଶକ୍ତି ଭାବେ ଉଭା ହୋଇଛି । ଆଜି ବେଙ୍ଗାଲୁରୁରେ ଏକ ଶିଳ୍ପ ଅଂଶୀଦାର ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ଡକ୍ଟର ଦାସ୍ କହିଛନ୍ତି, ପ୍ରଯୁକ୍ତି ବିଦ୍ୟାର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପ୍ରଦର୍ଶନ ଲାଗି ଅନେକଗୁଡ଼ିଏ ପଦକ୍ଷେପ ଗ୍ରହଣ କରାଯାଇଛି । ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରତା ହାସଲ ପାଇଁ କ୍ଷେପଣାସ୍ତ୍ର, ରାଡାର, ସେମିକଣ୍ଡକ୍ଟର ଏବଂ ଚିପ୍‌ସ, ମାଇକ୍ରୋୱେଭ୍‌ସ ଏବଂ ଲେଜର ଓ ଡ୍ରୋନ୍ କ୍ଷେତ୍ରରେ ନୂତନ ପ୍ରଯୁକ୍ତିବିଦ୍ୟା ପ୍ରୟୋଗ କରାଯାଉଛି । ସେ କହିଛନ୍ତି, ସୁରକ୍ଷା କବଚର ପ୍ରଥମ ପର୍ଯ୍ୟାୟ ପରୀକ୍ଷା ସଫଳ ହୋଇଛି । ଦ୍ୱିତୀୟ ପର୍ଯ୍ୟାୟରେ ଏହାର ଦୂରତା ବୃଦ୍ଧି ଲାଗି ଡି.ଆଇ.ଡି.ଓ. କାର୍ଯ୍ୟ କରୁଛି । ପରବର୍ତ୍ତୀ ସମୟରେ ଦେଶକୁ ଶତ୍ରୁପକ୍ଷର ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ରରୁ ରକ୍ଷା କରିବାପାଇଁ ସୁଦର୍ଶନ ଚକ୍ର ପ୍ରସ୍ତୁତ

ହେବ । ଏହି ଅବସରରେ ଡକ୍ଟର ଦାସ ଅପରେସନ୍ ସିନ୍ଦୂରରେ ଭାରତୀୟ ସେନାର ସଫଳତାକୁ ନେଇ ପ୍ରଶଂସା କରିବା ସହ ୮ଟି ପ୍ରତିରକ୍ଷା ଉତ୍ପାଦର ଜ୍ଞାନକୌଶଳ ହସ୍ତାନ୍ତର ସମ୍ପର୍କିତ ୧୨ଟି ଅଧିକୃତ ବୁଝାମଣା ହସ୍ତାନ୍ତର କରିଛନ୍ତି ।

## ୱିମେନ୍‌ସ କ୍ରିକେଟ୍

ଆଇ.ସି.ସି. ମହିଳା ଦିନିକିଆ ବିଶ୍ୱକପ୍ କ୍ରିକେଟ୍‌ର ଦ୍ୱିତୀୟ ସେମିଫାଇନାଲ୍‌ରେ ଆଜି ଅଷ୍ଟ୍ରେଲିଆ ଭାରତକୁ ୩୩୯ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି । ନଭି ମୁମ୍ବାଇର ଡକ୍ଟର ଡି.ୱାଇ. ପାଟିଲ୍ ସ୍ପୋର୍ଟସ୍ ଏକାଡେମୀରେ ଅନୁଷ୍ଠିତ ମ୍ୟାଚ୍‌ରେ ପ୍ରଥମେ ଟସ୍ ଜିତି ଅଷ୍ଟ୍ରେଲିଆ ଦଳ ୪୯ ଓଭର ୫ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୩୩୮ ରନ୍ ସ୍କୋର୍ କରିଛି ।

ଗତକାଲି ଦକ୍ଷିଣ ଆଫ୍ରିକା ୧୨୫ ରନ୍‌ରେ ଇଂଲଣ୍ଡକୁ ପରାସ୍ତ କରି ଫାଇନାଲ୍‌ରେ ପ୍ରବେଶ କରିଛି ।

*****